بسم الله الرحمن الرحيم

**୨୬ ନଭେମ୍ବର ୨୦୨୧ ଖୁତବା ଜୁମାର ସାରାଂଶ**
**ସ୍ଥାନ - ମସଜିଦ ମୁବାରକ୍ ଇସଲାମାବାଦ୍, ଲଣ୍ଡନ**

**ହଜରତ ମୁହମ୍ମଦ ସ.ଅଙ୍କର ସର୍ବୋଚ୍ଚସ୍ତରରେ ଅଧିଷ୍ଠିତ ମାର୍ଗଦର୍ଶୀ ଖଲିଫା ଓ ଶ୍ରେଷ୍ଠ ଫାରୁକ୍ (ପୃଥକକାରୀ) ହଜରତ ଉମର ବିନ୍ ଖତାବ୍ ର.ଅଙ୍କ ଉତ୍ତମ ଚରିତ୍ରର ବିଶ୍ୱାସ ବର୍ଦ୍ଧକ ଚର୍ଚ୍ଚା ।**

ଅଶ୍‌ହଦୁ ଅଲ୍‌ଲା ଇଲାହା ଇଲ୍‌ଲ୍ଲାହୁ ଓ୍ୱହ୍‌ଦହୁ ଲାଶରିକା ଲହୁ ଓ୍ୱଅଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ଓ୍ୱରସୁଲୁହୁ ଅମ୍ମା ବାଦ୍‌ଫଂଉଜୁବିଲ୍ଲା ହିମିନଶ୍ ଶୈତା ନିର୍‌ରଜିମ୍ । ବିସ୍‌ମିଲ୍ଲା ହିର୍ ରହେମା ନିର୍‌ରହିମ୍ । ଅଲ୍‌ହମ୍‌ଦୁ ଲିଲ୍ଲାହି ରବ୍‌ବିଲ୍ ଆଲମିନ୍ ଅର୍‌ରହମା ନିର୍‌ରହିମ୍ । ମାଲିକି ୟୋମିଦ୍‌ଦିନ୍ । ଇୟାକା ନାବୁଦୁ ଓ୍ୱ ଇୟାକା ନସ୍ତଇନ୍ । ଇହ୍‌ଦିନସ୍ ସିରାତଲ୍ ମୁସ୍ତକିମ୍ ସିରାତଲ୍ ଲଜିନା ଅନ୍‌ଅମ୍‌ତା ଅଲୈହିମ୍ ଗୈରିଲ୍ ମଗ୍‌ଯୁବି ଆଲୈହିମ୍ ଓ୍ୱଲଜ୍ୱାଲ୍‌ଲିନ୍

ତଶହୁଦ୍, ତଉଜ ଓ ସୁରଃ ଫାତିହାର ଆବୃତ୍ତି କରିବା ପରେ ହଜୁର ଅନଓ୍ୱରଅ.ବ କହିଲେ; ହଜରତ ଉମର ର.ଅଙ୍କ ଦରବାରରେ ପବିତ୍ର କୁରଆନର ଜ୍ଞାନ ରଖୁଥିବା (ବିଦ୍ୱାନ) ବ୍ୟକ୍ତିମାନଙ୍କର ମର୍ଯ୍ୟାଦା ବେଶ ଉର୍ଦ୍ଧ୍ୱରେ ରହିଥିଲା, ତେବେ ସେ ଯୁବକ ହେଉ ଅବା ବୟୋଜ୍ୟେଷ୍ଠ ବ୍ୟକ୍ତି । ହୁର୍ ବିନ୍ କୈଶ ହଜରତ ଉମର ର.ଅଙ୍କ ନିକଟରେ ବସାଉଠା କରୁଥିବା ବ୍ୟକ୍ତି ଥିଲେ । ଅଇୟନା ବିନ୍ ହୁସୈନ୍ ବିନ୍ ହୁଜେଫା ନିଜ ପୁତୁରା ହୁର୍ ବିନ୍ କୈଶଙ୍କ ସୁପାରିଶ କ୍ରମେ ହଜରତ ଉମର ର.ଅଙ୍କ ଦରବାରରେ ହାଜର ହୋଇ କହିଲେ; ଆପଣ ନ୍ୟାୟ ପରାୟଣ ଭାବରେ ଆମମାନଙ୍କୁ ଅର୍ଥ ପ୍ରଦାନ କରୁ ନାହାନ୍ତି । ଏଥିରେ ହଜରତ ଉମର ଅତିଷ୍ଠ ହୋଇ କିଛି କହିବାକୁ ଯାଉଥିଲେ ଯେ ହୁର୍ ସଙ୍ଗେସଙ୍ଗେ କହିଲେ; ଅଲ୍ଲାଃତାଲା ନିଜ ପ୍ରିୟ ନବୀ ହଜରତ ମୁହମ୍ମଦ ସ.ଅଙ୍କୁ କହିଛନ୍ତି, ଖୁଜିଲ୍ ଅଫ୍‌ଓ୍ୱା ଓ୍ୱାମୁର୍ ବିଲ୍‌ଉରଫେ ଓ୍ୱାଆରିଜ୍ ଅନିଲ୍ ଜାହିଲିନ୍ ଅର୍ଥାତ କ୍ଷମା ଆଚରଣ କର ଏବଂ ଉତ୍ତମ କଥା କୁହ ତଥା ଅଜ୍ଞାନୀଙ୍କ ଠାରୁ ଦୂରତା ରକ୍ଷା କର । ଏହି ଅଇୟନା ସେହି ଅଜ୍ଞାନୀଙ୍କ ମଧ୍ୟରୁ ଜଣେ ଥିଲେ । ହଜରତ ଉମରର.ଅ ସେହିସ୍ଥଳେ ଅଟକି ଗଲେ କାରଣ ଆପଣ ଅଲ୍ଲାଃଙ୍କ ଧର୍ମାଦେଶ ଶୁଣି ଅଟକି ଯାଇଥାନ୍ତି

ଜମାଅତ ଅହେମଦିୟାର ପ୍ରଥମ ଖଲିଫା ଏହି ପ୍ରସଙ୍ଗରେ କୁହନ୍ତି; ହଜରତ ଉମରର.ଅ ଜଣେ ଅଧକ୍ଷକୁ ଦଣ୍ଡ ଦେବା ପାଇଁ ଜହ୍ଲାଦ (ବଧକାରୀ)କୁ ଡ଼କାଇଲେ । ତାହା ଦେଖି ଜଣେ ଦଶ ବର୍ଷର ବାଳକ କହି ଉଠିଲା, ଓ୍ୱଲ୍‌କାଜିମିନଲ୍ ଗୈଜା ଓଆରିଜ୍ ଅନିଲ୍ ଜାହିଲିନା ହାଜା ମିନଲ୍ ଜାହିଲିନ୍ । ଏହା ଶୁଣି ହଜରତ ଉମର ର.ଅଙ୍କ ଚେହେରା ଲାଲ୍ ବର୍ଣ୍ଣ ପଡ଼ିଗଲା ଏବଂ ଆପଣ ନିରବ ହୋଇଗଲେ । ହଜରତ ଉମରର.ଅ ପିଲାମାନଙ୍କ ପ୍ରଶିକ୍ଷଣ ଓ ସେମାନଙ୍କ ବୁଦ୍ଧିଜ୍ଞାନକୁ ତେଜୀୟାନ କରିବା ସକାଶେ ନିଜ ଦରବାରକୁ ଡ଼ାକି ବିଭିନ୍ନ ପ୍ରସଙ୍ଗରେ ସେମାନଙ୍କ ଠାରୁ ପରାମର୍ଶ ନେଉଥିଲେ ।

ହଜରତ ଉମରର.ଅ ବୈତୁଲ୍ ମାଲର ସମ୍ପତିର ସୁରକ୍ଷା ଓ ତତ୍ତ୍ୱାବଧାନ ପ୍ରସଙ୍ଗରେ ଅତ୍ୟନ୍ତ ସଜାଗ ଓ ସତର୍କ ରହୁଥିଲେ । ଏକଦା ଆପଣଙ୍କୁ କେହି ଜଣେ ଗୋଟିଏ ଗ୍ଲାସ ଦୁଗ୍ଧ ପାନ କରିବାକୁ ଦେଲା, ଯାହାକୁ ଆପଣ ପାନ କଲେ ଏବଂ ପଚାରିଲେ ଏହା କେଉଁଠାରୁ ଆସିଥିଲା ? ଆପଣଙ୍କୁ କୁହାଗଲା ଯେ ଏହା ଜକାତ୍ ଓଟ'ର ଅଟେ । ପ୍ରତିଉତ୍ତରରେ ଆପଣ କହିଲେ; ଜକାତ୍‌ର ଖିର ପାନ କରିବା ବୈଧ ନୁହେଁ । ଅତଏବ ଆପଣ ତଣ୍ଟିରେ ଆଙ୍ଗୁଳି ପୁରାଇ ପାନ କରିଥିବା ଖିର ଓଗାଳି ଦେଲେ । ଏକଦା ଆପଣଙ୍କ ଉପଚାର ନିମନ୍ତେ ମଧୁ ସେବନ କରିବାକୁ ପରାମର୍ଶ ଦିଆଗଲା, ଯାହାକି ବୈତୁଲ୍ ମାଲ'ରେ ଉପଲବ୍ଧ ଥିଲା । କିନ୍ତୁ ଆପଣ ଲୋକମାନଙ୍କ ବିନାଅନୁମତିରେ ତାହାକୁ ଗ୍ରହଣ କରିବା ଅବୈଧ ବୋଲି ମନେକଲେ । ଏକଦା ମଧ୍ୟାହ୍ନ ସମୟରେ ପ୍ରବଳ ଗ୍ରୀଷ୍ମ ତାପରେ, ପଛରେ ରହିଯାଇଥିବା ଦୁଇଟି ଓଟକୁ ଆପଣ ସ୍ୱୟଂ ଘଉଡ଼ାଇ ଚାରଣ ଭୂମିରେ ପହଂଚାଇ ଦେଲେ । କାରଣ ଖୋଲା ଛାଡ଼ି ଦେଇଥିଲେ ସେମାନେ ନିଖୋଜ ହେବାର ଆଶଙ୍କା ରହିଥିଲା । ଆପଣ ହଜରତ ଉସମାନ ର.ଅଙ୍କୁ କହିଲେ; ଏହା ମୋର କାମ, ମୁଁ ହିଁ କରିବି ।

ହଜରତ ମୁସଲେହ ମଉଦ^ର.ଅ କୁହନ୍ତି; ଅଲ୍ଲାଃତାଲା ମୁସଲମାନମାନଙ୍କୁ ଧନ ସମ୍ପତ୍ତି, ମର୍ଯ୍ୟାଦା, ଗୌରବ ଓ ଉଚ୍ଚ ଆସନ ସବୁକିଛି ଦେଲେ କିନ୍ତୁ ସେମାନେ ଇସଲାମୀୟ ଶିକ୍ଷାକୁ ପାସୋରି ଦେଲେ । ସଈଦ୍ ବିନ୍ ମୁସେବ^ର.ଅ ବର୍ଣ୍ଣନା କରନ୍ତି; ହଜରତ ଉମର^ର.ଅ ଜଣେ ୟହୁଦି ଓ ମୁସଲମାନ ମଧ୍ୟରେ ଘଟିଥିବା ଝଗଡ଼ା (କଳହ)ର ନିଷ୍ପତ୍ତି କରିବାକୁ ଯାଇ ୟହୁଦି ସପକ୍ଷରେ ନିଜର ନିର୍ଣ୍ଣୟ ଶୁଣାଇଥିଲେ । ହଜରତ ଅନସ୍^ର.ଅ ବର୍ଣ୍ଣନା କରନ୍ତି; ହଜରତ ଉମରୋ ବିନ୍ ଆସ ^ର.ଅଙ୍କ ପୁତ୍ର ଦୌଡ଼ ପ୍ରତିଯୋଗୀତାରେ ଜଣେ ମିଶର ଦେଶର ବ୍ୟକ୍ତି ଆଗକୁ ବଢିଯିବାରୁ, ସେ ତାଙ୍କୁ ଚାବୁକ୍ ମାରିଲେ । ଏହି ଅଭିଯୋଗ ଆସିବାରୁ ଆପଣ ନିଷ୍ପତ୍ତି ଦେଲେ ସମ୍ପୃକ୍ତ ମିଶ୍ରୀ ବ୍ୟକ୍ତି ହିଁ ଉମରୋ ବିନ୍ ଆସ ^ର.ଅଙ୍କ ପୁତ୍ରକୁ ସେହିପରି ଚାବୁକ୍ ମାରିବେ । ଆଉ ଏକ ବର୍ଣ୍ଣନା ଦରଜ ରହିଛି ଜଣେ ବ୍ୟକ୍ତି କହିଲେ; ହେ ଉମର ଯଦି ଆମେ ଆପଣଙ୍କ ଠାରେ ଦୁର୍ବଳତା ପରିଲକ୍ଷିତ କରିବୁ ତେବେ ସ୍ୱୟଂ ତାହାକୁ ନିଜ ଖଣ୍ଡା ମାଧ୍ୟମରେ ଦୂର କରିବୁ । ଏଥିରେ ହଜରତ ଉମର^ର.ଅ ଅଲ୍ଲାଃତାଲାଙ୍କର କୃତଜ୍ଞତା ଜ୍ଞାପନ କଲେ, ଯେ ଅଲ୍ଲାଃଙ୍କ କୃପାରୁ ଏହି ସମ୍ପ୍ରଦାୟରେ ଏଭଳି ମଧ୍ୟ ବ୍ୟକ୍ତି ଅଛନ୍ତି । ଏକଦା ହଜରତ ଉମର^ର.ଅ କହିଲେ, ମୋ ନିକଟରେ ସବୁଠାରୁ ଅଧିକ ପ୍ରିୟ ବ୍ୟକ୍ତି ସେ ଯେ ମୋ ଦୋଷତ୍ରୁଟି ପ୍ରସଙ୍ଗରେ ମୋତେ ଅବଗତ କରାଇବ । ହଜରତ ଉମର ^ର.ଅଙ୍କର ଆଉ ଏକ କଥନ ଏପରି ଉଲ୍ଲେଖ ରହିଛି, ଯେ ଆପଣ କହିଲେ; ମୋର ଭୟ ରହିଛି ଯେ ଯଦି ମୁଁ କିଛି ଭୁଲ କରିବସେ ଏବଂ ମୋତେ ସେଥିସଂକ୍ରାନ୍ତରେ କେହି ସତ୍ମାର୍ଗ ପ୍ରତି ଧ୍ୟାନ ଆକର୍ଷିତ କରିବାରୁ ନିରବ ରୁହେ ।

ଦିନେ ଆପଣଙ୍କ ନିକଟକୁ ଜଣେ ବ୍ୟକ୍ତି ଆସିଲେ ଏବଂ ସମସ୍ତଙ୍କ ସମ୍ମୁଖରେ କହିଲେ; ହେ ଉମର ! ଅଲ୍ଲାଃଙ୍କୁ ଭୟ କର । କେତେକ ଲୋକ ତାଙ୍କ କଥା ଶୁଣି କ୍ରୋଧିତ ହୋଇ ଉଠିଲେ ଏବଂ ତାହାକୁ ଚୁପ୍ କରିବାକୁ ପ୍ରୟାସ କଲେ । ଏଥିରେ ହଜରତ ଉମର^ର.ଅ କହିଲେ; ତୁମମାନଙ୍କ ମଧ୍ୟରେ କେହି ହେଲେ ଉତ୍ତମ ନୁହଁ ଯଦି ତୁମେମାନେ ଦୋଷତ୍ରୁଟି ଦେଖି ସେଥିପ୍ରତି ଧ୍ୟାନ ଆକର୍ଷିତ ନକର ଓ ମୌନ ରହିଯାଅ । ଆମମାନଙ୍କ ମଧ୍ୟରେ କେହି ଉତ୍ତମ ନୁହନ୍ତି ଯଦି ଆମେ ସେହି ଦୋଷତ୍ରୁଟି ପ୍ରତି ଅମନଯୋଗ କରିବା । ଅର୍ଥାତ ତୁମେମାନେ ଅବାନ୍ତର ଓ ଅଯଥା କଥା କୁହ ନାହିଁ ବରଂ ନିର୍ଦ୍ଦିଷ୍ଟ କଥା କୁହ ଯେ ତୁମ କହିବାର ଉଦ୍ଦେଶ୍ୟ କ'ଣ ?

ହଜରତ ଉମର^ର.ଅ ଧାର୍ମିକ ମାମଲାରେ ଇସଲାମୀୟ ଶିକ୍ଷାର ବିଶେଷ ଖିଆଲ ରଖୁଥିଲେ । ସିକନ୍ଦରିୟା ବିଜୟ ପରେ ଯୁଦ୍ଧକ୍ଷେତ୍ରରୁ ଆସିଥିବା କଏଦୀମାନଙ୍କୁ ଆପଣ ପୂର୍ଣ୍ଣ ସ୍ୱାଧୀନତା ପ୍ରଦାନ କରିଥିଲେ । ସେମାନଙ୍କୁ ଏହି ପ୍ରସ୍ତାବ ମଧ୍ୟ ଦେଇଥିଲେ ଯେ ଯଦି ଇସଲାମ ଧର୍ମ ସ୍ୱୀକାର କରିନିଅ ତେବେ ମୁସଲମାନମାନଙ୍କ ପରି ତୁମମାନଙ୍କୁ ମଧ୍ୟ ସମସ୍ତ ପ୍ରକାରର ସୁବିଧା ସୁଯୋଗ ପ୍ରଦାନ କରାଯିବ । ଏହା ବିପରୀତ ଯେ ସ୍ୱଧର୍ମରେ ପ୍ରତିଷ୍ଠିତ ରହିବ ତାହାକୁ କର ଦେବାକୁ ହେବ । ଏଥିରେ ଅନେକ କଏଦୀ ମୁସଲମାନ ହୋଇଗଲେ । ଜଣେ ଅଭାବି ବୃଦ୍ଧ ଖ୍ରୀଷ୍ଟଧର୍ମି ମହିଳା ଯେ ନିଜ ଶେଷ ନିଶ୍ୱାସ ତ୍ୟାଗ କରିବାର ନିକଟବର୍ତ୍ତୀ ଥିଲେ, ତାଙ୍କୁ ଇସଲାମ ଧର୍ମ ଗ୍ରହଣ କରିବା ପ୍ରତି ଡ଼ାକରା ଦିଆଗଲା । ସେଥିଅନ୍ତେ କ୍ଷମା ଯାଚନା କଲେ ଯେ ତାହାର ଏହି ବିବଶତା ତାହାକୁ ମୁସଲମାନ ହେବାକୁ ବାଧ୍ୟ ନକରୁ । ନିଜର ଜଣେ ଇସାୟୀ କ୍ରୀତଦାସ ଅଶକ୍ ନାମିକୁ ଆପଣ ମୁସଲମାନ ହେବାକୁ କହିବାରୁ ସେ ଆପଣଙ୍କ ପ୍ରସ୍ତାବକୁ ଅସ୍ୱୀକାର କଲା । ଏଥିରେ ଆପଣ କହିଲେ; ଲାଇକ୍ରାହା ଫିଦ୍ଦିନ୍ ଅର୍ଥାତ ଧର୍ମ ମାର୍ଗରେ କୌଣସି ବାଧ ବାଧକତା ନାହିଁ । ହଜରତ ଉମର^ର.ଅ ନିଜ ଅନ୍ତିମ ସମୟ ବେଳକୁ ସେହି କ୍ରୀତଦାସକୁ ସ୍ୱାଧୀନ କରିଦେଇଥିଲେ । ହଜରତ ଉମର^ର.ଅ ଜୀବଜନ୍ତୁମାନଙ୍କ ଉପରେ ଅତ୍ୟନ୍ତ ଦୟା ଆଚରଣ କରୁଥିଲେ । ଗୋଟିଏ ଓଟର ପିଠିରେ ଆଘାତ ଲାଗିଥିବାର ଆପଣ ଦେଖିବାକୁ ପାଇଲେ । ଅତଏବ ଆପଣ କହିଲେ; ଏଥିସଂକ୍ରାନ୍ତରେ ମଧ୍ୟ ମୋତେ ପ୍ରଭୁ ପ୍ରଶ୍ନ କରିବାକୁ ନେଇ ମୁଁ ଭୟଭୀତ ରହିଛି । ଏକଦା ଜଣେ କ୍ରୀତଦାସ ଗୋଟିଏ ବାହନକୁ ୪ମାଇଲ୍ ପର୍ଯ୍ୟନ୍ତ ଦୌଡ଼ାଇ (ବଜାର)ରୁ ମାଛ କିଣି ଆଣିଲେ । ଆପଣ ଉକ୍ତ ବାହାନର ମଥାକୁ ଦେଖି ତା' ଅବସ୍ଥା ବୁଝିପାରିଲେ । ବସ୍ତୁତଃ ଯେତେବଳେ ସେ ଆପଣଙ୍କୁ ମାଛ ଚାଖିବାକୁ ଦେଲେ, ଆପଣ ତାହା ସେବନ କରିବାକୁ ମନା କରିଦେଲେ ଯେ ମୋ ପାଇଁ ତୁମେ ଗୋଟିଏ ନିରୀହ ପ୍ରାଣୀକୁ କଷ୍ଟ ଦେଲ ।

ହଜରତ ମୁସଲେହ ମଉଦର.ଅ କୁହନ୍ତ; ଏକଦା ଜଣେ ଯହୁଦୀ କହିଲେ ପବିତ୍ର କୁରଆନରେ ଏପରି ଏକ ପଂକ୍ତି ରହିଛି, ଯେ ଯଦି ତାହା ଆମ ଧର୍ମ ପୁସ୍ତକରେ ରହିଥାନ୍ତା ତେବେ ଆମେ ସେହି ଦିନକୁ ଇଦ୍ ରୂପେ ପାଳନ କରିଥାନ୍ତୁ । ହଜରତ ଉମରର.ଅ କହିଲେ; ତାହା କେଉଁ ପଂକ୍ତି ? ସେ ଉତ୍ତର ଦେଲା ଅଲ୍ ୟୋମା ଅକମଲ୍‌ତୁ ଲକୁମ୍ ଦିନକୁମ୍ । ଏଥିରେ ଆପଣ କହିଲେ; **ତାହା ତ ଆମମାନଙ୍କ ପାଇଁ ଦୁଇଟି ଇଦ୍‌ର ଦିନ ଅର୍ଥାତ୍ ଉକ୍ତ ପଂକ୍ତିଟି ଜୁମା ଓ ଅରଫା'ର ଦିନ ଅବତୀର୍ଣ୍ଣ ହୋଇଥିଲା ।**

କେତେକ ବୟୋଜ୍ୟେଷ୍ଠ ବ୍ୟକ୍ତି କୁହନ୍ତି; ଯେତେବେଳେ ଲୋକମାନେ କୌଣସି ସମସ୍ୟାର ସମ୍ମୁଖୀନ ହେଉଥିଲେ ସେତେବେଳେ ହଜରତ ଉମରର.ଅ କ'ଣ କରୁଥିଲେ ? କାରଣ ହଜରତ ଉମରର.ଅ ପରାମର୍ଶ ନନେଇ କୌଣସି ପଦକ୍ଷେପ ଗ୍ରହଣ କରୁ ନଥିଲେ । ହଜରତ କବିସା ବିନ୍ ଜାବିରର.ଅ କୁହନ୍ତି; ମୁଁ ଆପଣଙ୍କ ଠାରୁ ଅଧିକ କୁରଆନ ପାଠ କରୁଥିବା, ଅଲ୍ଲାଃଙ୍କ ଧର୍ମକୁ ବୁଝୁଥିବା ଓ ଉତ୍ତମ ଉପଦେଷ୍ଟା ଅନ୍ୟ କାହାରିକୁ ଦେଖି ନାହିଁ । ହଜରତ ହୁସୈନ ବଶରୀ କୁହନ୍ତି; ଯଦି ତୁମେ ନିଜ ବୈଠକଗୁଡ଼ିକୁ ସୁବାସିତ କରିବାକୁ ଛାହୁଁଛ ତେବେ ହଜରତ ଉମର ର.ଅଙ୍କର ବହୁତ ଚର୍ଚ୍ଚା କର । ମୁଜାହିଦ୍ ବର୍ଣ୍ଣନା କରନ୍ତି, ହଜରତ ଉମର ର.ଅଙ୍କ ସମୟ କାଳରେ ଶୈତାନ କବଳିତ ଥିଲା । ଯେତେବେଳେ ଆପଣ ଶହିଦ୍ ହୋଇଗଲେ ଶୈତାନ ଆନନ୍ଦରେ ଡ଼ିଆଁ ମାରିବାକୁ ଲାଗିଲା । ଅଲୀ ମୁହମ୍ମଦ ସଲାବୀ ଲେଖିଛନ୍ତି; ହଜରତ ଉମରର.ଅ ଇସଲାମୀୟ ପରମ୍ପରାର ଜଣେ ମହାନ ପ୍ରତିପାଳକ ଥିଲେ । ଆପଣ କବିତାକୁ ପସନ୍ଦ କରୁଥିଲେ । ହଜରତ ଉମରର.ଅ ପ୍ରେମରାଗ ପୂର୍ଣ୍ଣ କବିତାରୁ ଭଦ୍ର ମହିଳାମାନଙ୍କ ନାମ ନେବା ପ୍ରଥାକୁ ପୂର୍ଣ୍ଣ ରୂପେ ଉଚ୍ଛେଦ କରିଦେଇଥିଲେ ଏବଂ ଏହି ଆଦେଶର ଉଲଙ୍ଘନ କରିବା ବ୍ୟକ୍ତି ପାଇଁ କଠୋର ଦଣ୍ଡ ବିଧାନ ପ୍ରଣୟନ କରିଥିଲେ । ହଜରତ ଉମର ର.ଅଙ୍କ ସୁଗୁଣ ଓ ମହାତ୍ମ୍ୟତା ପରିପ୍ରେକ୍ଷୀରେ ହଜରତ ମସିହ ମଉଦଅ.ସ କୁହନ୍ତି; କେତେକ ଭବିଷ୍ୟବାଣୀ ମୂଳକ ଘଟଣା ଥରକେ ପ୍ରକାଶପାଉ ଅବା କ୍ରମାନ୍ୱୟରେ ଅବା ଅନ୍ୟ କୌଣସି ବ୍ୟକ୍ତି ମାଧ୍ୟମରେ, ଯେପରିକି ଆମ ପ୍ରିୟ ମୁନିବ ହଜରତ ମୁହମ୍ମଦସ.ଅ ଭବିଷ୍ୟତ ବାଣୀ କରିଥିଲେ, ଯେ କୈଶର ଓ କିସରା'ର ଗନ୍ତାଘର ଆପଣଙ୍କ ହସ୍ତରେ ରଖାଯିବ । ଏହି ଭବିଷ୍ୟତ ବାଣୀ ପୂରଣ ହେବା ପୁର୍ବରୁ ହଜରତ ମୁହମ୍ମଦ ସ.ଅଙ୍କର ସ୍ୱର୍ଗବାସ ହୋଇଯାଇଥିଲା । ହଜୁରସ.ଅ କୈଶର ଓ କିସରା'ର ଉକ୍ତ ଭଣ୍ଡାର ଘରକୁ ଦେଖି ନେଇଥିଲେ କିନ୍ତୁ ସେହି ଚାବିକାଠିକୁ ଦେଖି ନଥିଲେ । ଯେହେତୁ ବିଧିର ବିଧାନ ଥିଲା ଯେ ହଜରତ ଉମର ର.ଅଙ୍କୁ ସେହି ଚାବିକାଠି ମିଳିବ କାରଣ **ହଜରତ ଉମର ର.ଅଙ୍କର ଅସ୍ତିତ୍ୱ ପ୍ରତିରୂପ ସ୍ୱରୂପ ହଜୁର ସ.ଅଙ୍କର ହିଁ ଅସ୍ତିତ୍ୱ ଥିଲା । ଅତଏବ ଐଶୀ ଜଗତରେ ହଜରତ ଉମର ର.ଅଙ୍କ ହସ୍ତକୁ ହଜୁର ସ.ଅଙ୍କର ହସ୍ତ ବୋଲି ଦର୍ଶାଯାଇଛି ।**

ପୁନଶ୍ଚ ହଜରତ ମସିହ ମଉଦଅ.ସ କୁହନ୍ତି; ଅଲ୍ଲାଃତାଲା ହଜରତ ଅବୁବକରର.ଅ, ହଜରତ ଉମରର.ଅ ଓ ଜୁନ୍ନ ନୁରୈନ (ଦୁଇ ଜ୍ୟୋତିଧାରୀ)ଙ୍କୁ ଇସଲାମର ଦ୍ୱାର ଓ ନବୀ ଶିରୋମଣି ହଜରତ ମୁହମ୍ମଦ ସ.ଅଙ୍କ ସେନା ଦଳର ସେନାଧକ୍ଷ କରିଥିଲେ । ଅତଏବ ଯେଉଁ ବ୍ୟକ୍ତି ତାଙ୍କ ପ୍ରତିଷ୍ଠା ଓ ଗାରିମାର ଅନାଦର, ଅସ୍ୱୀକାର କରିବ ତେବେ ମୋତେ ତାହାର ଦୁର୍ଗତି ଓ ବିଶ୍ୱାସ ନଷ୍ଟ ହେବାର ଭୟ ରହିଛି । ଇସଲାମର ସମସ୍ତ ଖଲିଫା ନିଃସନ୍ଦେହ ରୂପେ ନବୀ ଶିରୋମଣି ହଜରତ ମୁହମ୍ମଦ ସ.ଅଙ୍କ ଅନୁସରଣ କରିବାରେ ସର୍ବୋଚ୍ଚ ସ୍ତରରେ ଅଧିଷ୍ଠିତ ଥିଲେ । **ପ୍ରତିଫଳ ସ୍ୱରୂପ ଅଲ୍ଲାଃତାଲା ସେମାନଙ୍କୁ ସେସବୁକିଛି ପ୍ରଦାନ କଲେ ଯାହାକି ସମଗ୍ର ବିଶ୍ୱ ବ୍ରହ୍ମାଣ୍ଡରେ ଅନ୍ୟ କାହାରିକୁ ମିଳି ନାହିଁ ।**

ହଜରତ ମସିହ ମଉଦଅ.ସ କୁହନ୍ତି; ଶିଆ ଗୋଷ୍ଠୀମାନଙ୍କ ମଧ୍ୟରୁ ଯେ କେହି ଏହି ମତ ପୋଷଣ ଚିନ୍ତା କରୁଛନ୍ତି, ଯେ ହଜରତ ଅବୁବକରର.ଅ ଅବା ହଜରତ ଉମରର.ଅ, ହଜରତ ଅଲୀର.ଅ ଅଥବା ହଜରତ ଫାତିମା ର.ଅଙ୍କର ଅଧିକାର ଆତ୍ମସାତ କରିଥିଲେ, ତାଙ୍କ ଉପରେ ଅତ୍ୟାଚାର କରିଥିଲେ ତେବେ ଏପରି ବ୍ୟକ୍ତି ନ୍ୟାୟ ପରାୟଣତାକୁ ସ୍ୱହସ୍ତରେ ହରେଇ ଦେଲା ଏବଂ ଭ୍ରମ ଧାରଣାକୁ ଆପଣାଇ ନେଲା । ଅତ୍ୟାଚାରୀଙ୍କ ପଥର ପଥିକ ହେଲା, ସତ୍ୟ ଏହିକି ଯେ ହଜରତ ଅବୁବକରର.ଅ ଓ ହଜରତ ଉମରର.ଅ ଉଭୟେ ନିଜ କର୍ତ୍ତବ୍ୟ ସମ୍ପାଦନ କରିବାରେ କଦାପି କୌଣସି ପ୍ରକାର ଅବହେଳା ପ୍ରଦର୍ଶନ କରି ନାହାନ୍ତି । ସେମାନେ ଈଶ୍ୱରଭୟକୁ ନିଜ ମାର୍ଗ ଓ ନ୍ୟାୟ ଆଚରଣକୁ ନିଜର ଲକ୍ଷ୍ୟ ସ୍ଥିର କରିନେଇଥିଲେ । ନିଜକୁ ପ୍ରଭୁଙ୍କ

ଆଜ୍ଞା ପାଳନ କରିବାରେ ନିୟୋଜିତ କରିଦେଇଥିଲେ । ମୁଁ ଇସଲାମର ଗୌରବ ମର୍ଯ୍ୟାଦା ଅକ୍ଷୁର୍ଣ୍ଣ ରଖିବା ଓ ସର୍ବଶ୍ରେଷ୍ଠ ନବୀ ହଜରତ ମୁହମ୍ମଦ ସ.ଅଙ୍କ ଧର୍ମର ଧ୍ୱଜା ଉଚ୍ଚତର କରିବାରେ ହଜରତ ଅବୁବକରର.ଅ ଓ ହଜରତ ଉମର ର.ଅଙ୍କ ପରି ଅନ୍ୟ କାହାରିକୁ ପାଉ ନାହିଁ । ଦେଖ ହଜରତ ଅବୁବକରର.ଅ ଓ ହଜରତ ଉମରର.ଅ କିଭଳି ଉଚ୍ଚ ଆସନରେ ବିରାଜିତ ରହିଛନ୍ତି । ଉଭୟେ ଏଭଳି ପବିତ୍ର ସ୍ଥାନରେ ସମାଧି ପାଇଛନ୍ତି ଯେ ଯଦି ହଜରତ ମୁସାଅ.ସ ଓ ଇଶାଅ.ସ ଜୀବିତ ଥାନ୍ତେ ତେବେ ସେମାନେ ସେହିସ୍ଥଳେ ସମାଧି ପାଇବାକୁ ଇର୍ଷା କରିଥାନ୍ତେ । କିନ୍ତୁ ଏହି ଉଚ୍ଚ ଆସନ ଐଶ୍ୱର୍ଯ୍ୟମୟ ପ୍ରଭୁଙ୍କ ଶରଣରେ ଏକ ଚିରସ୍ଥାୟୀ ଦୟା ପୂର୍ବକ ଥିଲା, ଯାହାକି କେବଳ ଏହି ଦୁଇ ମହାନ ବ୍ୟକ୍ତିଙ୍କୁ ହିଁ ଲାଭ ହେଲା । ଯାହାଙ୍କ ପ୍ରତି ପରମେଶ୍ୱରଙ୍କ ଚିରସ୍ଥାୟୀ କରୁଣା ଇଙ୍ଗିତ କରୁଅଛି । ଏହିମାନଙ୍କୁ ହିଁ ପ୍ରଭୁଙ୍କ ଦୟାର ଚଦର ଚିର କାଳ ପାଇଁ ଢାଙ୍କି ଦେଇଛି ।

ହଜରତ ମସିହ ମଉଦଅ.ସ କୁହନ୍ତି; ହଜରତ ମୁହମ୍ମଦ ସ.ଅଙ୍କ ପରେ ଇସଲାମର ଯେଉଁଭଳି ଉନ୍ନତି ସାଧିତ ହେବା କଥା ତାହା କେବଳ ପ୍ରଥମ ତିନି ଖଲିଫାଙ୍କ ଯୋଗୁଁ ସମ୍ଭବ ହେଲା । ହଜରତ ଉମରର.ଅ ଯେଉଭଳି ଉନ୍ନତି ମୂଳକ ପଦକ୍ଷେପ ଗ୍ରହଣ କରିଥିଲେ ଯଦିଚ ତାହା କିଛି କମ୍ ନୁହେଁ କିନ୍ତୁ ସଫଳତାର ପଥ ତ’ ସର୍ବଶ୍ରେଷ୍ଠ ସତ୍ୟବାଦୀ ହଜରତ ଅବୁବକରର.ଅ ନିର୍ଦ୍ଧାରଣ କରି ତାହାକୁ ସୁଗମ ସମତୁଳ କରିଦେଇଥିଲେ, **ଯେଉଁ ପଥରେ ହଜରତ ଉମର ବିଜୟର ଦ୍ୱାର ଖୋଲି ତାହାର ଶିଖରରେ ପହଂଚି ଯାଇଥିଲେ ।**

ହଜରତ ମୌଲବୀ ଅବ୍ଦୁଲ କରିମ୍ ସାହେବ ଲେଖିଛନ୍ତି; ଏକଦା ଜଣେ ବନ୍ଧୁ ହଜରତ ମସିହ ମଉଦ ଅ.ସଙ୍କୁ କହିଲେ କ’ଣ ଆମେ ଆପଣଙ୍କୁ ହଜରତ ଅବୁବକରର.ଅ ଓ ହଜରତ ଉମର ର.ଅଙ୍କ ଠାରୁ ବଡ଼ (ଉଚ୍ଚ) ଓ ହଜୁର ସ.ଅଙ୍କ ପରି (ଉପାଧି)ରେ ନିକଟତର ମଣିବୁ ? ଏକଥା ଶୁଣିବା ମାତ୍ରେ ହଜରତ ମସିହ ମଉଦ ଅ.ସଙ୍କ ପବିତ୍ର ମୁଖମଣ୍ଡଳର ରଙ୍ଗ ବଦଳିଗଲା ଏବଂ ଆପଣଙ୍କ ଠାରେ ବ୍ୟସ୍ତବିବ୍ରତର ଭାବ ପରିପ୍ରକାଶ ହେଲା । ଆପଣ ନିରନ୍ତର ଭାବରେ ଛ’ଘଣ୍ଟା ପର୍ଯ୍ୟନ୍ତ ହଜୁର ସ.ଅଙ୍କର ମହାତ୍ମ୍ୟତା, ଶ୍ରେଷ୍ଠତା ଓ ନିଜ ଦାସତ୍ୱ ତଥା ହଜୁର ସ.ଅଙ୍କ ସମ୍ମୁଖରେ ନିଜର ସାମାନ୍ୟତାର ବ୍ୟାଖ୍ୟା କଲେ । ସେଥିଅନ୍ତେ ହଜରତ ଅବୁବକରର.ଅ ଓ ହଜରତ ଉମର ର.ଅଙ୍କ ସୁଗୁଣ ବର୍ଣ୍ଣନା କରି କହିଲେ; ମୋ ପାଇଁ ଏହି ଗର୍ବ କରିବା ଯଥେଷ୍ଟ ଯେ ମୁଁ ସେମାନଙ୍କ ପ୍ରଶଂସା ଗାନ କରିବା ଓ ତାଙ୍କ (ନିକଟରେ) ସମାଧି ଲାଭ କରନ୍ତି କି ? ଯେଉଁ ମର୍ଯ୍ୟାଦା... ଅଲ୍ଲାଃତାଲା ସେମାନଙ୍କୁ ପ୍ରଦାନ କରିଥିଲେ ତାହା ପ୍ରଳୟ ଦିବସ ପର୍ଯ୍ୟନ୍ତ ଅନ୍ୟ କାହାରିକୁ ଲାଭ ହୋଇପାରିବ ନାହିଁ । ଅଦ୍ୟାବଧି ହଜୁରସ.ଅ ପୁନର୍ବାର ଅବତୀର୍ଣ୍ଣ ହୁଅନ୍ତେ କି ଯଦ୍ୱାରା କେହି ତାଙ୍କର ହଜରତ ଅବୁବକରର.ଅ ଓ ହଜରତ ଉମର ର.ଅଙ୍କ ପରି ସେବା କରିବାର ସୌଭାଗ୍ୟ ଅର୍ଜନ କରି, ନିଜକୁ ଧନ୍ୟ ମଣନ୍ତା ।

ଶେଷରେ ପ୍ରିୟ ହଜୁର ଅନୱରଅ.ବ କହିଲେ; ଏହି ଖୁତବାର କ୍ରମାନ୍ୱୟରେ ଆଜି ଏଠାରେ ହଜରତ ଉମର ର.ଅଙ୍କ ଅଲୋଚ୍ୟ ଜୀବନୀ ପ୍ରସଙ୍ଗଟି ଶେଷ ହେଲା । ଆସନ୍ତାରେ ସର୍ବଶକ୍ତିମାନ ପ୍ରଭୁ ସାମର୍ଥ୍ୟ ପ୍ରଦାନ କଲେ, ଇନ୍‌ଶା ଅଲ୍ଲାଃ ହଜରତ ଅବୁବକର ର.ଅଙ୍କ ଜୀବନୀ ଚର୍ଚ୍ଚା କରିବି ।

ଅଲ୍‌ହମ୍‌ଦୁ ଲିଲ୍ଲାହି ନହ୍‌ମଦୁହୁ ୱ୍ ନସ୍‌ତଇନୁହୁ ଓନସ୍‌ତଗ୍‌ଫିରୁହୁ ଓନୁମିନୁ ବିହି ଓନତଓକ୍‌କଲୁ ଅଲୈହି ଓ ନଉଜୁବିଲ୍ଲା ମିନ୍ ଶୁରୁରେ ଅନ୍‌ଫୁସିନା ଓ ମିନ୍ ସଇୟାତି ଆମାଲିନା ମଇଁ ୟହ୍‌ଦିହିଲ୍ଲା ଫଲାମୁଜିଲ୍ଲା ଲହୁ ଓମଇଁ ୟୁଜ୍‌ଲିଲ୍‌ହୁ ଫଲା ହାଦିୟା ଲହୁ ଓନଶ୍‌ହଦୁ ଅଲ୍‌ଲା ଇଲାହା ଇଲ୍‌ଲ୍ଲାହୁ ୱ୍‌ନଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ୱ୍‌ରସୁଲୁହୁ । ଇବାଦଲ୍ଲାହି ରହ୍‌ମକୁମୁଲ୍ଲାହା ଇନ୍ନଲ୍‌ଲାହା ୟାମୁରୁବିଲ୍ ଅଦ୍‌ଲେ ୱ୍‌ଲ୍ ଇହ୍‌ସାନି ୱ୍‌ଇତାଇଜିଲ କୁର୍‌ବା ୱ୍‌ୟନ୍‌ହା ଅନିଲ୍ ଫହ୍‌ଶାଇ ୱ୍‌ଲ୍ ମୁନ୍‌କରି ୱ୍‌ଲ୍ ବଗ୍‌ଇ ୟଇଜୁକୁମ୍ ଲଅଲ୍‌ଲକୁମ୍ ତଜକ୍ କରୁନ୍ ଉଯ୍‌କୁରୁଲ୍ଲାହା ୟଯ୍‌କୁରୁକୁମ୍ ଓଦ୍‌ଉହୁ ୟସ୍‌ତଜିବ୍ ଲକୁମ୍ ଓଲଯିକ୍‌ରୁଲ୍ଲାହି ଅକ୍‌ବର୍ ।

Khulasa Khutba Juma Huzoor Anwar a.b.a

26th November 2021